ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Forest, Env. & CC (OD)/ 194/18-03-2025**

# ଶିମିଳିପାଳ ସୁରକ୍ଷା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଉଛନ୍ତି

: ଜଙ୍ଗଲ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ

ଭୁବନେଶ୍ୱର : ୧୮/୦୩/୨୦୨୫

ଶିମିଳିପାଳର ଉନ୍ନତ ଜୈବବିବିଧତା ଏବଂ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ପାଇଁ ଏହାକୁ ୧୯୭୩ ମସିହା ଠାରୁ ବ୍ୟାଘ୍ର ପ୍ରକଳ୍ପ ରେ ଅନ୍ତର୍ଭୁକ୍ତ କରାଯାଇଛି।

ଏହାର ଭିତ୍ତିଭୂମିକୁ ମଜବୁତ କରିବାପାଇଁ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା-ପ୍ରୋଜେକ୍ଟ ବ୍ୟାଘ୍ର (CSS-PT scheme)ମାଧ୍ୟମରେ ନିରନ୍ତର ଆର୍ଥିକ ସହଯୋଗର ବ୍ୟବସ୍ଥା କରାଯାଉଛି । ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ବନ୍ୟ ଜନ୍ତୁ ସଂରକ୍ଷଣ କୁ ସୁଦୃଢ କରିବା ନିମନ୍ତେ ଆଗାମି ୧୦ ବର୍ଷ ପାଇଁ ନୂତନ ବ୍ୟାଘ୍ର ସଂରକ୍ଷଣ ଯୋଜନା ୨୦୨୩-୨୪ ଠାରୁ ୨୦୩୨-୩୩ ପର୍ଯ୍ୟନ୍ତ ଅନୁମୋଦିତ ହୋଇଛି । ଶିକାରୀ ଓ ବନ୍ୟଜନ୍ତୁ ମାନଙ୍କର ତଦାରଖ ନିମନ୍ତେ ଏଆଇ କ୍ୟାମେରା, ଇନଫ୍ରା ରେଡ କ୍ୟାମେରା ଏବଂ ଟ୍ରାପ କ୍ୟାମେରା ଲଗାଯାଇଛି । ବୃକ୍ଷ ଏବଂ ବନ୍ୟଜନ୍ତୁ ମାନଙ୍କର ଉନ୍ନତ ବିବିଧତାର ସୁରକ୍ଷା ନିମନ୍ତେ ଶିମିଳିପାଳ ସ୍ୱତନ୍ତ୍ର ବ୍ୟାଘ୍ର ସୁରକ୍ଷା ବାହିନୀ / Similipal Special Tiger Protection Force (SSTPF) ମାନଙ୍କୁ ନିୟୋଜିତ କରାଯାଇଅଛି । ଏହା ସହ ସେମାନଙ୍କ ସୁରକ୍ଷା ନିମନ୍ତେ ସ୍ଥାୟୀବନ କର୍ମଚାରୀ (ବନାଞ୍ଚଳ ଅଧିକାରୀ, ଉପ ବନାଞ୍ଚଳ ଅଧିକାରୀ, ବନପାଳ, ବନରକ୍ଷୀ) ଙ୍କୁ ସୁରକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଇଅଛି । ସୁରକ୍ଷା ସହାୟକ ଏବଂ ଅବସର ପ୍ରାପ୍ତ ସେନା କର୍ମଚାରୀ ଙ୍କୁ ସୁରକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଇଅଛି ।

ଶିମିଳିପାଳର ପାଦଦେଶରେ (Buffer Area) ବନ ସୁରକ୍ଷା ବାହିନୀ ଏବଂ ଇକୋ-ଡେଭଲପମେଣ୍ଟ କମିଟି ମାଧ୍ୟମରେ ଶିମିଳିପାଳର ସୁରକ୍ଷା ଦିଗରେ ପଦକ୍ଷେପ ନିଆଯାଉଛି । ଶିକାର ଖବର ପ୍ରାପ୍ତ ପାଇଁ ଅଧିକାରୀ ମାନଙ୍କୁ ସ୍ୱତନ୍ତ୍ର ଗାଡି ଏବଂ ତଥ୍ୟ ସରବରାହ ପାଇଁ ସ୍ଥାୟୀ ବେତାର କେନ୍ଦ୍ରମାନ ସ୍ଥାପନ କରାଯାଇ ଅଛି । ନିଷେଧାଦେଶ ବନ୍ୟଜନ୍ତୁ ପ୍ରବନ୍ଧ ଗୁଡିକର ଚୋରା କାରବାର ଉପରେ ତଥ୍ୟ ସଂଗ୍ରହ କରିବା ପାଇଁ ସ୍ୱତନ୍ତ୍ର ଭାବରେ ଏସ-ୱିନ [ S-WIN (Similpal Wildlife Intelligence Network)] ର ଗଠନ କରାଯାଇଅଛି । ଶିକାରୀ ମାନଙ୍କ ଗତିବିଧି ଏବଂ ଅନ୍ୟାନ୍ୟ ଅବାଧ ପ୍ରବେଶ କରୁଥିବା ଦୁର୍ବୃତ୍ତ ମାନଙ୍କ ପଦକ୍ଷେପକୁ ପ୍ରତିହତ କରିବ ପାଇଁ ୧୩୫ ଗୋଟି ଶିକାର ନିରୋଧକ ଶିବିର ଓ ଅସ୍ଥାୟୀ ମଞ୍ଚା ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡ ରେ ଏବଂ ୭୯ ଗୋଟି ଶିକାର ନିରୋଧକ ଶିବିର ଶିମିଳିପାଳ ଉତ୍ତର ବନ୍ୟପ୍ରାଣୀ ବନଖଣ୍ଡରେ ସ୍ଥାପନ କରାଯାଇ ଅଛି । ସୁରକ୍ଷାକୁ ପ୍ରଭାବଶାଳୀ କରିବା ପାଇଁ ଇନସାସ, ଏକ୍ସ-କାଲିବର ରାଇଫଲ ଏବଂ ସ୍ୱୟଂଚାଳିତ ପିସ୍ତଲ ଆଦି ଅତ୍ୟାଧୁନିକ ଅସ୍ତ୍ର ବନ କର୍ମଚାରୀ ମାନଙ୍କୁ ଯୋଗାଇ ଦିଆଯାଇଅଛି । ନିଆଁ ଦାଉରୁ ସୁରକ୍ଷା ପାଇଁ ଗ୍ରୀଷ୍ମ ଋତୁରେ ଅଗ୍ନି ରେଖା ସୃଷ୍ଟି କରାଯାଉଛି। ସ୍ୱତନ୍ତ୍ର ଅଗ୍ନି ନିର୍ବାପକ squad ସୃଷ୍ଟି କରାଯାଉଛି। ଲୋକ ମାନଙ୍କ ମଧ୍ୟରେ ଜନ ସଚେତନତା ସୃଷ୍ଟି କରାଯାଉଛି । ବାଘ ତଥା ଅନ୍ୟ ବନ୍ୟଜନ୍ତୁ ମାନଙ୍କର ଗତିବିଧିକୁ ଅନୁସରଣ କରିବା ପାଇଁ ଏମ୍ – ଷ୍ଟ୍ରାଇପସ ଓ Phase-IV ବ୍ୟବସ୍ଥା ହୋଇଛି । ବ୍ୟାପକ ଜନ ସଚେତନତା ସୃଷ୍ଟି କରାଯାଉଛି । ବନ୍ୟଜୀବଙ୍କ ଖାଦ୍ୟ ଓ ପାନୀୟର ଆବଶ୍ୟକତାକୁ ପୂରଣ ପାଇଁ ଘାସ ପଡିଆ ପରିଚାଳନା, ସଲ୍ଟ ଲିକ୍ ପରିଚାଳନା ତଥା ଜଳାଶୟ ଆଦି ନିର୍ମାଣ କରାଯାଇଛି । ବନ୍ୟଜନ୍ତୁ ଉଦ୍ଧାର ପାଇଁ ଦ୍ରୁତ ପ୍ରତିକ୍ରିୟା ଦଳ (Rapid Response Team) ଗଠନ କରାଯାଇଛି । ବନ୍ୟଜନ୍ତୁଙ୍କର ବୃଦ୍ଧି ତଥା ଚଳପ୍ରଚଳ ପାଇଁ ପର୍ଯାପ୍ତ ସ୍ଥାନ ଯୋଗାଇବା ପାଇଁ ଶିମିଳିପାଳ ଅଭ୍ୟନ୍ତରରେ ଥିବା ସମସ୍ତ ଗ୍ରାମ (କେବଳ ବକୁଆ ଗ୍ରାମକୁ ବାଦ ଦେଇ) ସମୂଳ ସ୍ଥାନାନ୍ତରଣ କରାଯାଇଅଛି । ଶିମିଳିପାଳରେ ବ୍ୟାଘ୍ର ସଂଖ୍ୟା ବୃଦ୍ଧି ଓ ସେମାନଙ୍କର ଜିନ୍ ର ଉନ୍ନତି ପାଇଁ ବାହାର ରାଜ୍ୟରୁ ବ୍ୟାଘ୍ର ସ୍ଥାନାନ୍ତରଣ ଯୋଜନା କାର୍ଯ୍ୟକାରୀ କରାଯାଉଅଛି ।

ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ସଂରକ୍ଷଣ ନିମନ୍ତେ ସ୍ଥାୟୀ ବନ କର୍ମଚାରୀ ଓ ପୋଲିସ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର JTF ଦଳ ଗଠନ କରାଯାଇଛି। ବିଗତ ୩ ବର୍ଷ ମଧ୍ୟରେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ୧୦୩ ଟି ବନ୍ୟପ୍ରାଣୀ ଅପରାଧ ମାମଲା ରୁଜୁ କରାଯାଇଛି, ୨୫୫ ଜଣ ଶିକାରୀ ଗିରଫ ହୋଇଛନ୍ତି ଓ ୫୭ ଟି ବନ୍ଧୁକ ଜବତ ହୋଇଛି ।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ବିଧାନସଭାରେ ଶିମିଳିପାଳ ସୁରକ୍ଷା ସମ୍ବନ୍ଧରେ ଏହି ତଥ୍ୟ ଉପସ୍ଥାପନ କରିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ